କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀଙ୍କ ବୟାନ

କମ୍ୟୁନିଟି ରେଡିଓରେ ପ୍ରସାରିତ ହେବ ନ୍ୟୁଜ୍ ବୁଲେଟିନ୍

ଭୁବନେଶ୍ୱର,୨୨।୫/ଏନ୍ଏନ୍ଏସ୍: କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଶ୍ରୀ ପ୍ରକାଶ ଜାଭଡେକର ଆଜି କହିଛନ୍ତି ଯେ କମ୍ୟୁନିଟି ରେଡିଓରେ ବିଜ୍ଞାପନ ପ୍ରସାରଣ ସମୟ ଘଣ୍ଟାପ୍ରତି ୭ ମିନିଟରୁ ୧୨ ମିନିଟକୁ ବୃଦ୍ଧି କରିବା ଲାଗି କେନ୍ଦ୍ର ସରକାର ଆଗ୍ରହୀ ଅଛନ୍ତି। ସେହିପରି ଏଫ୍ଏମ୍ ଚ୍ୟାନେଲ ଭଳି କମ୍ୟୁନିଟି ରେଡିଓ ଷ୍ଟେସନରେ ମଧ୍ୟ ଖବର ପ୍ରସାରଣ ଆରମ୍ଭ କରିବା ପ୍ରସ୍ତାବକୁ ସେ ଗମ୍ଭୀରତାର ସହ ବିଚାର କରୁଛନ୍ତି ବୋଲି କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ପ୍ରକାଶ ଜାଭେଡ଼କର ସୂଚନା ଦେଇଛନ୍ତି।

ଶୁକ୍ରବାର ଅଭିନବ ସମାନ୍ତରାଳ ପ୍ରସାରଣ ମାର୍ଗରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଜେଭେଡ଼କର ସମସ୍ତ କମ୍ୟୁନିଟି ରେଡିଓ ଷ୍ଟେସନର ଶ୍ରୋତାମାନଙ୍କୁ ଉଦବୋଧନ ଦେଇଥିଲେ। ଏହା ଦୁଇଟି ସମାନ ସ୍ଲଟରେ ସନ୍ଧ୍ୟା ୭ଟାରୁ ସାଢ଼େ ସାତଟା ମଧ୍ୟରେ ପ୍ରସାରିତ ହୋଇଥିଲା। ଶ୍ରୀ ଜାଭଡେକର କରିଥିଲେ ଯେ କମ୍ୟୁନିଟି ରେଡିଓ ଷ୍ଟେସନ ପ୍ରତିଷ୍ଠା ଲାଗି କେନ୍ଦ୍ର ସରକାର ବୃହତ ଭାଗ ୭୫% ବ୍ୟୟଭାର ବହନ କରିଥାନ୍ତି। ଦୈନନ୍ଦିନ କାର୍ଯ୍ୟର ଖର୍ଚ୍ଚ ଷ୍ଟେସନ ବହନ କରିଥାଏ। ବର୍ତ୍ତମାନ ଟିଭି ଚ୍ୟାନେଲଗୁଡ଼ିକ ପ୍ରତି ୧

■ ବିଜ୍ଞାପନ ସମୟ ୧୨ ମିନିଟକୁ ବୃଦ୍ଧି ପାଇଁ ବିଚାର ଚାଲିଛି
■ କମ୍ୟୁନିଟି ରେଡିଓ ସଂଖ୍ୟା ବୃଦ୍ଧି ପାଇଁ ରହିଛି ଯୋଜନା

ଘଣ୍ଟାରେ ୧୨ ମିନିଟ ବିଜ୍ଞାପନ ପ୍ରସାରଣ କରୁଥିବା ବେଳେ କମ୍ୟୁନିଟି ରେଡିଓ ଷ୍ଟେସନଗୁଡ଼ିକ ଘଣ୍ଟାପ୍ରତି ୭ମିନିଟ ବିଜ୍ଞାପନ ପ୍ରସାରଣ କରୁଛନ୍ତି। ସମସ୍ତ ରେଡିଓ ଷ୍ଟେସନକୁ ବିଜ୍ଞାପନ ପ୍ରସାରଣ ପାଇଁ ଟିଭି ଚ୍ୟାନେଲ ସହିତ ସମାନ ସମୟ ଦେବା ଲାଗି ସେ ଆଗ୍ରହୀ ଅଛନ୍ତି ଯାହା ଫଳରେ ଏଗୁଡ଼ିକର ପାଣ୍ଠି ଆବଶ୍ୟକତା ପୂରଣ ହୋଇପାରିବ। ଏଥିସହିତ ସ୍ଥାନୀୟ ବିଜ୍ଞାପନଗୁଡ଼ିକ କମ୍ୟୁନିଟି ରେଡିଓ ଷ୍ଟେସନ ଉପରେ ଅଧିକ ନିର୍ଭରଶୀଳ ହୋଇପାରିବ ବୋଲି ସେ କହିଛନ୍ତି। ପ୍ରାରମ୍ଭରେ ମନ୍ତ୍ରୀ କମ୍ୟୁନିଟି ରେଡ଼ିଓକୁ 'ପରିବର୍ତ୍ତନର ବାହକ' ଭାବେ ବର୍ଣ୍ଣନା କରି କହିଥିଲେ ଯେ ପ୍ରତିଦିନ କମ୍ୟୁନିଟି ରେଡିଓ ଷ୍ଟେସନ ଲକ୍ଷ ଲକ୍ଷ ଲୋକଙ୍କ ନିକଟରେ ପହଞ୍ଚିପାରୁଛି। ଏପରି ଅଧିକ ଷ୍ଟେସନ ପ୍ରତିଷ୍ଠା ଲାଗି ମନ୍ତ୍ରାଳୟ ଯୋଜନା କରୁଥିବା ମନ୍ତ୍ରୀ ସୂଚନା ଦେଇଥିଲେ। କମ୍ୟୁନିଟି ରେଡିଓରେ ନ୍ୟୁଜ ବୁଲେଟିନ (ଖବର) ପ୍ରସାରଣ ସଂକ୍ରାନ୍ତରେ ହେଉଥିବା ଦାବି ଦ୍ୱାରା ମନ୍ତ୍ରୀ ପ୍ରଭାବିତ ହୋଇଥିଲେ। ସେ ଆଶ୍ୱାସନା ଦେଇଥିଲେ ଯେ ଏଫ୍ଏମ୍ ଚ୍ୟାନେଲ ଭଳି କମ୍ୟୁନିଟି ରେଡିଓ ଷ୍ଟେସନରେ ମଧ୍ୟ ଖବର ପ୍ରସାରଣ ଆରମ୍ଭ କରିବା ପ୍ରସ୍ତାବକୁ ସେ ଗମ୍ଭୀରତାର ସହ ବିଚାର କରିବେ। ମିଛ ଖବରର ପର୍ଦ୍ଦାଫାସ କରିବା ନିମନ୍ତେ ନିଜସ୍ୱ ଉତ୍ସ ଉପଯୋଗ କରିବା ଏବଂ ସେଗୁଡ଼ିକୁ ଅଲଇଣ୍ଡିଆ ରେଡିଓ ସହିତ ବାଣ୍ଟିବା ଲାଗି ସେ କମ୍ୟୁନିଟି ରେଡ଼ିଓ ଷ୍ଟେସନଗୁଡ଼ିକୁ ଆହ୍ୱାନ କରିଥିଲେ। ଏହାଦ୍ୱାରା ସତ୍ୟ ସାମ୍ନାକୁ ଆସିପାରିବ। ସେ କହିଥିଲେ ଯେ ପିଆଇବି ଅଧୀନରେ ମନ୍ତ୍ରଣାଳୟ ପକ୍ଷରୁ ଏକ ଫ୍ୟାକ୍ଟ ଚେକ ସେଲ ଗଠନ କରାଯାଇଛି ଏବଂ କମ୍ୟୁନିଟି ରେଡିଓଗୁଡ଼ିକ ଏଥିରେ ସହଯୋଗ କରିପାରିବେ। ସେହିପରି ଲୋକମାନଙ୍କୁ କରୋନା ଭୂତାଣୁ ବିରୋଧରେ ଲଢ଼େଇ ଜାରି ରଖିବା ମନ୍ତ୍ରୀ ଶ୍ରୀ ଜାଭେଡ଼କର ଆହ୍ୱାନ ଦେଇଥିଲେ।

NITIDIN Sat, May 23, 2020
http://odishanewsnitidin.com